# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୫୯ (ଓଡ଼ିଆ ବୁଲେଟିନ) ସପ୍ତାହ – ୩୦ ତାରିଖ: ୨୪.୦୭.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୮.୦୭.୨୦୨୬ ରୁ ୨୪.୦୭.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| 28 | 28 | 28 | 29 | 29 | 28 | 30 | 24 | 24 | 25 | 24 | 24 | 24 | 24 | 13 | 23 | 4 | 16 | 56 | 30 | 1 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୫-୦୭-୨୦୨୬ | ୨୬-୦୭-୨୦୨୬ | ୨୭-୦୭-୨୦୨୬ | ୨୮-୦୭-୨୦୨୬ | ୨୯-୦୭-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 7 | 25 | 30 | 18 | 18 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 29 | 29 | 29 | 28 | 28 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 24 | 24 | 23 | 23 | 23 |
| ମେଘ ଆବରଣ(ଓକଟା) | 7 | 7 | 7 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 88 | 89 | 86 | 84 | 87 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 62 | 63 | 60 | 58 | 56 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 12 | 9 | 9 | 13 | 13 |
| ପବନର ଦିଗ (ଡିଗ୍ରୀ) | 229 | 238 | 255 | 262 | 262 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ହାଲୁକା ରୁ ମଧ୍ୟମ ବର୍ଷା ହେବା ସହିତ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ରୁ ପୂର୍ଣ୍ଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ସପ୍ତାହରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ କିନ୍ତୁ ଆର୍ଦ୍ରତାର ସ୍ଥିତି ଅଧିକ ରହିବା ସହିତ ୯ ରୁ ୧୩ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ଆଗାମୀ ଦୁଇ ସପ୍ତାହ ପାଇଁ (୨୪ ଜୁଲାଇ ରୁ ୦୬ ଅଗଷ୍ଟ,୨୦୨୬) ବିସ୍ତାରିତ ପାଣିପାଗ ପୂର୍ବାନୁମାନ:-

**ସପ୍ତାହ-୧ (୨୪ ରୁ ୩୦ ଜୁଲାଇ,୨୦୨୬):-** ପ୍ରଥମ ସପ୍ତାହ ମଧ୍ୟରେ ଓଡ଼ିଶାର କିଛି ସ୍ଥାନ ରୁ ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି । ସାମଗ୍ରିକ ଭାବରେ, ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା କାର୍ଯ୍ୟକଳାପ ସ୍ୱାଭାବିକ ରହିବ, ଯେତେବେଳେ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା କାର୍ଯ୍ୟକଳାପ ସ୍ୱାଭାବିକ କିମ୍ବା ଅଧିକ ରହିବାର ସମ୍ଭାବନା ଅଛି ।

**ସପ୍ତାହ-୨ (୩୧ ଜୁଲାଇ ରୁ ୦୬ ଅଗଷ୍ଟ,୨୦୨୬):-** ଦ୍ୱିତୀୟ ସପ୍ତାହରେ ଓଡ଼ିଶାର କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଅଛି । ସାମଗ୍ରିକ ଭାବରେ, ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ସ୍ୱାଭାବିକ ରହିବ କିନ୍ତୁ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷାର ପରିମାଣ ହ୍ରାସ ପାଇପାରେ ।

## ସାଧାରଣ ଉପଦେଶ

- ପୂର୍ବ ଏବଂ ଆଗାମୀ ଭାରି ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ଓ ଭବିଷ୍ୟତରେ ବ୍ୟବହାର ପାଇଁ ଏହାକୁ ସଂରକ୍ଷଣ କରି ରଖନ୍ତୁ ଏବଂ ସମ୍ଭବ ହେଲେ ଅନ୍ତଃ କୃଷି କାର୍ଯ୍ୟ କରିବା ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ।
- ମୂଳ ପଚା, ଫଳ ପଚା, କାଣ୍ଡ ପଚା ଇତ୍ୟାଦି ଭଳି ବିଭିନ୍ନ ରୋଗ ଏବଂ ପ୍ରଚଳିତ ପାଗର ସ୍ଥିତି ଯୋଗୁଁ ଶୋଷକ କୀଟମାନଙ୍କ ଆକ୍ରମଣ ବିରୁଦ୍ଧରେ ନିୟମିତ ଭାବରେ

ସେମାନଙ୍କ କ୍ଷେତକୁ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।

- ଚାଷୀମାନଙ୍କୁ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି କ୍ଷେତ ପ୍ରସ୍ତୁତି/ ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ଫଳ ଓ ପନିପରିବା କ୍ଷେତରୁ ଅତିରିକ୍ତ ବର୍ଷା ପାଣି ନିଷ୍କାସନ କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ସୁନିଶ୍ଚିତ କରନ୍ତୁ ।
- ବର୍ତ୍ତମାନର ପାଗ ବିଭିନ୍ନ ଫସଲରେ ବିଭିନ୍ନ କୀଟପତଙ୍ଗ ଏବଂ ରୋଗ ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରାଯିବା ଉଚିତ ।
- ପ୍ରଚଳିତ ପାଣିପାଗ ଯୋଗୁଁ, ପଶୁମାନଙ୍କ କ୍ଷେତ୍ରରେ ବିଭିନ୍ନ ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଆବଶ୍ୟକ ହେଲେ ନିକଟସ୍ଥ ପଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଆଗାମୀ ପ୍ରବଳ ବର୍ଷା ପରିସ୍ଥିତିକୁ ବିଚାରକୁ ନେଇ, କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବା ପାଇଁ ବ୍ୟବସ୍ଥା କରିବାକୁ ଏବଂ ଆନ୍ତଃ-କୃଷି କାର୍ଯ୍ୟ କରିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ମୁଖ୍ୟ ଜମି ପ୍ରସ୍ତୁତି / ରୋପଣ | • ମୁଖ୍ୟ କ୍ଷେତ ଜମି ପ୍ରସ୍ତୁତି ପାଇଁ ୭-୧୦ ଦିନ ବ୍ୟବଧାନରେ କ୍ଷେତକୁ ଦୁଇଥର କାଦୁଅ କରି ଏବଂ ଫସଲର ସମାନ ବୃଦ୍ଧି ପାଇଁ ଜମି ସମତଳ କରାଯିବା ଉଚିତ । ପ୍ରଥମ କାଦୁଅ କରିବା ପୂର୍ବରୁ ଭଲ ଭାବରେ ସଢାଯାଇଥିବା ଗୋବର ଖତ ଖେତରେ ପ୍ରୟୋଗ କରାଯିବା ଉଚିତ ।<br>• ଉଚ୍ଚ ଅମଳକ୍ଷମ କିସମ ପାଇଁ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ DAP + ୨୭ କିଲୋଗ୍ରାମ MOP କିମ୍ବା ୧୮ କିଲୋଗ୍ରାମ ୟୁରିଆ + ୧୦୦ କିଲୋଗ୍ରାମ SSP + ୨୭ କିଲୋଗ୍ରାମ MOP ପ୍ରୟୋଗ କରନ୍ତୁ ।<br>• ୨୫-୩୦ ଦିନ ପୁରୁଣା ଚାରାଗୁଡ଼ିକୁ କମ ଗଭୀରତାରେ ୨୦x୧୫ ସେମି ବ୍ୟବଧାନରେ ରୋପଣ କରନ୍ତୁ । ଉଚ୍ଚ ଅମଳକ୍ଷମ କିସମ ପାଇଁ ପ୍ରତି ପାହାଡ଼ରେ କେବଳ ୨-୩ ଟି ଚାରା ଏବଂ ହାଇବ୍ରିଡ୍ ପାଇଁ ୧-୨ ଟି ଚାରା ବ୍ୟବହାର କରନ୍ତୁ ।<br>• ଘାସ ନିୟନ୍ତ୍ରଣ ପାଇଁ, ଗଛ ଲଗାଇବାର ୫ ରୁ ୧୦ ଦିନ ମଧ୍ୟରେ ଦାନାଦାର ଘାସ ମରା ଔଷଧ ଭାବରେ ବେନସଲଫ୍ୟୁରନ୍ ମିଥାଇଲ୍ ୦.୬ % + ପ୍ରେଟିଲାକ୍ଲୋର୍ ୬ % ଜି.ଆର. @ ୪ କିଲୋକୁ ପ୍ରତି ଏକର ୪ କିଲୋ ବାଲି ସହିତ ମିଶାଇ କିମ୍ବା ବିସପିରିବ୍ୟାକ୍ ସୋଡିୟମ୍ ୧୦ % ଏସ୍.ସି. @ ୧୨୦ ମିଲି ପ୍ରତି ଏକରକୁ ୧୬ ଲିଟର କ୍ଷମତା ବିଶିଷ୍ଟ ୮ ଟି ଟାଙ୍କିରେ ମିଶାଇ ଘାସ ବାହାରିବାର ୮ ରୁ ୧୦ ଦିନ ପରେ (କିମ୍ବା ଘାସ ୨ ରୁ ୩ ପତ୍ର ଅବସ୍ଥାରେ ଥିବାବେଳେ) ଖେତରୁ ପର୍ଯ୍ୟାପ୍ତ ଜଳ ନିଷ୍କାସନ କରିସାରିଲା ପରେ ପ୍ରୟୋଗ କରନ୍ତୁ । |
| ମକା | ବୁଣିବା/ ଅଙ୍ଗିୟ ଅବସ୍ଥା | • ଯେଉଁ ଚାଷୀଭାଇମାନେ ଏପର୍ଯ୍ୟନ୍ତ ମକା ବିହନ ବୁଣା କାର୍ଯ୍ୟ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ମାଟିରେ ଉପଯୁକ୍ତ ଆର୍ଦ୍ରତା ରଖି ଅତ୍ୟଧିକ ପାଣି ନିଷ୍କାସନ କରି ବୁଣା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି ।<br>• ଚାଷୀଭାଇମାନେ କୌଣସି ପ୍ରକାରର ଆନ୍ତଃକୃଷି କାର୍ଯ୍ୟ ଯେପରିକି ଘାସ କାଟିବା, କୋଡା ଖୋସା, ମାଟି ଉଠେଇବା ଇତ୍ୟାଦି କରିବା ସମୟରେ ଉପଯୁକ୍ତ ସାବଧାନତା ଅବଲମ୍ବନ କରନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ଅଙ୍ଗିୟ ଅବସ୍ଥାରେ ଥିବା ମକା ଗଛ କାଣ୍ଡ ବିନ୍ଧା ପୋକ ଆକ୍ରମଣ ପାଇଁ ଅନୁକୂଳ ହୋଇପାରେ ତେଣୁ ସେମାନଙ୍କ ଫସଲକୁ ଉଚିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ପୂର୍ବ ବର୍ଷା ଯୋଗୁଁ ସମସ୍ତ ପଚିଯାଇଥିବା ଅଂଶ ନଷ୍ଟ କରିଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ । |
| ଆମ୍ବ | ନୂତନ ଗଛ ଲଗାହୋଇଥିବା ବଗିଚା | • ଚାଷୀଭାଇମାନଙ୍କୁ ନୂତନ ଭାବରେ ଲଗାଯାଇଥିବା ଆମ୍ବ ବଗିଚାରେ ପାଣି ଜମିବା ଏବଂ ମୂଳ ପଚିବାକୁ ରୋକିବା ପାଇଁ ଜଳ ନିଷ୍କାସନକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ପ୍ରବଳ ବର୍ଷା ଯୋଗୁଁ ଗଛ ମୂଳ ଦୁର୍ବଳ ହୋଇଯାଇଥାଏ, ତେବେ ଗଛ ଚାରିପାଖରେ ମାଟିକୁ ଧୀରେ ଧୀରେ ଚାପି ଦିଅନ୍ତୁ । ନୂଆ ଗଛଗୁଡ଼ିକୁ ପ୍ରବଳ ପବନ ଯୋଗୁଁ ଉପାଡ଼ିବାରୁ ରୋକିବା ପାଇଁ ବାଉଁଶ ଖୁଣ୍ଟ କିମ୍ବା ଯାନ୍ତ୍ରିକ ସହାୟତା ଯୋଗାଇ ଦିଅନ୍ତୁ ।<br>• ମାଟିରେ ଅଧିକ ଆର୍ଦ୍ରତା ଯୋଗୁଁ କବକଜନିତ ରୋଗ (କଲାର ରଟ୍ କିମ୍ବା ଆନ୍ଥ୍ରାକ୍ନୋଜ୍ ପରି) ଏବଂ ପତ୍ର ଖିଆ ପୋକ ଦେଖାଯିବାର ଆଶଙ୍କା ବୃଦ୍ଧି ପାଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଗଛର ବେସିନ୍ ଚାରିପାଖର ଘାସକୁ ସଫା ରଖନ୍ତୁ କାରଣ ଏହା ପୋଷକ ପାଇଁ ପ୍ରତିଯୋଗିତା କରିଥାଏ ଏବଂ କୀଟପତଙ୍ଗଙ୍କୁ ଆଶ୍ରୟ ଦେଇଥାଏ । |

| | | |
|---|---|---|
| | | • ପୁଷ୍ଟିକର ପୋଷକ ଧୋଇହେବାକୁ ରୋକିବା ପାଇଁ ମାଟିରୁ ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ନହେବା ପର୍ଯ୍ୟନ୍ତ କୌଣସି ପ୍ରକାରର ରାସାୟନିକ ସାର କିମ୍ବା ଅନ୍ୟ ପୋଷକ ପ୍ରୟୋଗ କରନ୍ତୁ ନାହିଁ । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ମୂଳ ଚାରିପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ଏବଂ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରନ୍ତୁ ।<br>• ଫଳ ପଚିବା ଏବଂ ପୋକ ଲାଗିବା ରୋକିବା ପାଇଁ ଲତାକୁ ଓଦା ଭୂମିରୁ ଦୂରେଇ ରଖିବା ପାଇଁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ପରିବା ଖେତରେ ବିଭିନ୍ନ କବକଜନିତ ରୋଗ ଆକ୍ରମଣ ହେବାର ସମ୍ଭାବନା ଦେଖାଦେଇପାରେ ତେଣୁ ଏହାର ନିୟମିତ ତଦାରଖ କରନ୍ତୁ । |
| ବାଇଗଣ, ଟମାଟୋ, ଲଙ୍କା | ନର୍ସରୀ ବୁଣା / ଚାରା ଅବସ୍ଥା / ରୋପଣ/ ଅଂଗିୟ/ ଫୁଲ ଓ ଫଳ ଅବସ୍ଥା | • ଉନ୍ନତ କିସମ ଯେପରିକି ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ଉତ୍କଳ ଅନୁଶ୍ରୀ, ବ୍ଲୁ ଷ୍ଟାର ଇତ୍ୟାଦି ବାଇଗଣ ପାଇଁ, ଟମାଟୋ ପାଇଁ ଉତ୍କଳ ପଲ୍ଲଭି, ଉତ୍କଳ ଦିପ୍ତି, ଉତ୍କଳ କୁମାରୀ ଏବଂ ଉତ୍କଳ ରଶ୍ମୀ, ଉତ୍କଳ ଆଭା, ପୁସା ଜ୍ୱାଲା, ହାଇବ୍ରିଡ କିସମ ଇତ୍ୟାଦି ଲଙ୍କା ପାଇଁ ବ୍ୟବହାର କରାଯାଇ ପରିବ।<br>• ଠିଆ ଫସଲ କ୍ଷେତରେ ଏବଂ ନର୍ସରୀରେ ଅତିରିକ୍ତ ବର୍ଷା ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ କାରଣ ଆଗକୁ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ରହିଅଛି ।<br>• ପ୍ରଚଳିତ ପାଣିପାଗ ଯୋଗୁଁ ପରିବା ଖେତରେ ବିଭିନ୍ନ ରୋଗ ଓ ପୋକ ଗୁଡ଼ିକର ଆକ୍ରମଣ ବୃଦ୍ଧି ପାଇପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରୁଥାନ୍ତୁ । |
| ଭେଣ୍ଡି | ଫୁଲ ଓ ଫଳ ଅବସ୍ଥା | • ଭେଣ୍ଡି ଗଛ ମୂଳରେ ପାଣି ଜମି ରହିବାକୁ ସହ୍ୟ କରିପାରେ ନାହିଁ, ତେଣୁ ଚାଷୀମାନେ ଅଧିକ ପାଣି ଜମା ହେଲେ ଏହାର ଶୀଘ୍ର ନିଷ୍କାସନ କରିବା ପାଇଁ କ୍ଷେତ ଚାରିପାଖରେ ଉଚ୍ଚ ବେଡ୍ କିମ୍ବା ଗଭୀର ଜଳ ନିଷ୍କାସନ ନାଳ ନିର୍ମାଣ କରିବା ଉଚିତ ।<br>• ପାଣି ଜମି ରହିବା ଯୋଗୁଁ ଭେଣ୍ଡି ଗଛରେ ରୋଗର ପ୍ରାଦୁର୍ଭାବ ବଢ଼ିଥାଏ, ତେଣୁ କ୍ଷେତରେ ପର୍ଯ୍ୟାପ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ବର୍ତ୍ତମାନର ପାଗର ଯେଉଁ ପରିସ୍ଥିତି ରହିଅଛି ତାହା ଭେଣ୍ଡି ଗଛରେ ଶୋଷକ କୀଟ ଏବଂ ଫଳ ଓ କାଣ୍ଡ ବିନ୍ଧାକାରୀ ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଚାଷୀଭାଇମାନେ ରୋଗ ଓ ପୋକର ଦ୍ରୁତ ବୃଦ୍ଧିକୁ ଏଡାଇବା ପାଇଁ ପ୍ରଭାବିତ ଗଛଗୁଡ଼ିକୁ କାଢ଼ି ନଷ୍ଟ କରିଦେବା ଉଚିତ । |
| ପଶୁ ପାଳନ | | • ପ୍ରଚଳିତ ପାଣିପାଗ ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ପଶୁ ଗୁହାଳକୁ ସର୍ବଦା ଶୁଖିଲା ରଖନ୍ତୁ, ଏହି ରୋଗଗୁଡ଼ିକର ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଜୀବାଣୁନାଶକ ପ୍ରୟୋଗ କରନ୍ତୁ । ପଶୁ ଗୁହାଳର ଚାରିପାଖରୁ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ଶୁନିଶ୍ଚିତ କରନ୍ତୁ ।<br>• ପାକସ୍ଥଳୀ ସଂକ୍ରମଣ ଏବଂ ଡାଇରିଆରୁ ରକ୍ଷା ପାଇବା ପାଇଁ ପଶୁମାନଙ୍କୁ ଦୂଷିତ ବର୍ଷା ପାଣି ପିଇବାରୁ ରୋକନ୍ତୁ । |
| କୁକୁଡ଼ା ପାଳନ | | • ବର୍ଷା ଋତୁରେ କୁକୁଡ଼ାମାନେ ଶ୍ୱାସକ୍ରିୟା ରୋଗ ଏବଂ ଡାଇରିଆ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ତେଣୁ ଚାଷୀଭାଇମାନେ ଫାର୍ମ୍ ରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ବ୍ୟବସ୍ଥା ସୁନିଶ୍ଚିତ କରିବା ଉଚିତ ଏବଂ କୁକୁଡ଼ା ସେଡ୍‌କୁ ଓଦା ରହିବାକୁ ଦିଅନ୍ତୁ ନାହିଁ । |
| ମାଛ ଚାଷ | | • ଚାଷୀଭାଇମାନେ ପୋଖରୀ ପାଣିର pH ଏବଂ ଦ୍ରବୀଭୂତ ଅମ୍ଳଜାନର ପରୀକ୍ଷା ଏବଂ ନିରୀକ୍ଷଣ କରିବା ଉଚିତ, କାରଣ ପ୍ରବଳ ବର୍ଷା ପ୍ରାୟତଃ ପାଣିକୁ ଅମ୍ଳିୟ କରିଦେଇଥାଏ ଏବଂ ଉପର ସ୍ତରର ଅମ୍ଳଜାନ ସ୍ତରକୁ ମଧ୍ୟ ହ୍ରାସ କରିଥାଏ ଯାହା ପୋଖରୀର ମାଛମାନଙ୍କ ପାଇଁ କ୍ଷତିକାରକ ଅଟେ । |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଛିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ

(https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପର ବ୍ୟବହାର କରିପାରିବେ।**